# Akashvani, Sambalpur

## SAMBALPURI NEWS EVENING BULLETIN

## 15 March 2026-7.02- 7.12 pm.

---

୧- ୪ ଟା ରାଜ୍ୟ ଆଉ ଗୁଟେ କେନ୍ଦ୍ରଶାସିତ୍ ଅଂଚଲ୍ ଲାଗି ନିର୍ବାଚନ୍ ତାରିଖ୍ ଘୋଷ୍ନା କଲେ ଭାରତ୍ର ନିର୍ବାଚନ୍ ଆୟୋଗ ।

୨- ଓଡ଼ିଶାର୍ ୪ ଟା ସହେତେ ୧୦ ଟା ରାଜ୍ୟର୍ ୩୭ ଟା ରାଜ୍ୟସଭା ଆସନ୍ ଲାଗି ଆଏବା କାଏଲ୍ ହେବା ଭୋଟ୍ ।

୩- ପାରାଦ୍ୱୀପ୍ ନ ଥାପ୍ନା ହେବାର୍କେ ଥିବା ବୃହତ୍ ଶିଳ୍ପ ପ୍ରକଳ୍ପ ମାନ୍କର୍ ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ ।

ଆଉର୍

୪- କଲାହାଣ୍ଡି ଜିଲ୍ଲା ପୁଲିସ୍ ପାଶେ୍ ୧୧ ଝନ୍ ମାଓବାଦୀ କଲେ ଆତ୍ମସମର୍ପଣ୍ ।

ଇସିଆଇ ଏସେମ୍ଲି          ପି.ଆଇ.ବି.

ଭାରତର ନିର୍ବାଚନ୍ ଆୟୋଗ୍ଙ୍କର୍ ତର୍ଫୁ ୪ ଟା ରାଜ୍ୟ ଆଉ ଗୁଟେ କେନ୍ଦ୍ରଶାସିତ୍ ଅଂଚଲ୍‌ର ଆଏବା ବିଧାନ୍‌ସଭା ନିର୍ବାଚନ୍ ଲାଗି ଆଏଜ୍ ନିର୍ବାଚନୀ ସୂଚୀ ଘୋଷ୍‌ନା କରାଯାଇଛେ । ଇ ବାବ୍‌ଦେ ମୁଖ୍ୟ ନିର୍ବାଚନ୍ ଆୟୁକ୍ତ ଜ୍ଞାନେଶ୍ କୁମାର୍ ଗୁଟେ ସାମ୍ବାଦିକ୍ ସମ୍ମିଳନୀକେ ସୂଚ୍‌ନା ଦେଇକରି କହିଛନ୍, କେରଳମ୍, ଆସାମ୍, ପଶ୍ଚିମବଙ୍ଗ୍, ତାମିଲ୍‌ନାଡୁ ଆଉ ପୁଡୁଚେରୀ ନ ବିଧାନ୍‌ସଭା ନିର୍ବାଚନ୍ ହେବା । ଆସାମ୍, ପୁଡୁଚେରୀ ଆଉ କେରଳମ୍ ନ ଏପ୍ରିଲ୍ ୯ ତାରିଖ୍ ଦିନ ଭୋଟ୍ ହେବା । ସେନ୍ତା ତାମିଲ୍‌ନାଡୁ ନ ଏପ୍ରିଲ୍ ୨୩ ତାରିଖ୍ ଆଉ ପଶ୍ଚିମବଙ୍ଗ୍ ନ ୨ ଟା ଖେପେ ଏପ୍ରିଲ୍ ୨୩ ଆଉ ୨୯ ତାରିଖ୍ ଦିନ ଭୋଟ୍ ହେଇକରି ମେ ୪ ତାରିଖ୍ ଦିନ ଫଲାଫଲ୍ ବାହାର୍‌ବା ବଲି ସୂଚ୍‌ନା ମିଲିଛେ ।

ରାଜ୍ୟସଭା ନିର୍ବାଚନ୍          ଆର୍‌ଏନ୍‌ୟୁ/ ସମ୍ବଲପୁର

୧୦ ରାଜ୍ୟର୍ ୩୭ ଟା ରାଜ୍ୟସଭା ଆସନ୍ ଲାଗି ଆଏବାକାଏଲ୍ ଭୋଟ୍ ହେବା । ସଖାଲର୍ ୯ ବଜେନୁ ଉପର୍‌ବେଲା ୪

ବଜେଟକ୍ ଭୋଟ୍ ଗ୍ରହଣ୍ କରାଯିବା ବଲି ଜନାପଡ଼ିଛେ । ଗୃହ କାର୍ଯ୍ୟ ଚାଲ୍‌ବାର୍ ସହେତେ ବିଧାନ୍‌ସଭାର୍ ୫୪ ନମ୍ବର୍ ପ୍ରକୋଷ୍ଠ ନ ମତଦାନ୍ କରାଯିବା । ଓଡ଼ିଶା ନ ୪ ଟା ଆସନ୍ ଲାଗି ୫ ଝନ୍‌କର୍ ପ୍ରାର୍ଥୀପତ୍ର କାଏମ୍ ରହିଛେ । ବିଜେପି ପ୍ରାର୍ଥୀ ମନ୍‌ମୋହନ୍ ସାମଲ୍, ସୁଜିତ୍ କୁମାର୍, ବିଜେଡ଼ି ପ୍ରାର୍ଥୀ ସନ୍ତୃପ୍ତ ମିଶ୍ର ଆଉ ବିଜେପି ସମର୍ଥିତ୍ ସ୍ୱାଧୀନ୍ ପ୍ରାର୍ଥୀ ଦିଲ୍ଲୀପ୍ ରାୟ, କଂଗ୍ରେସ୍ ବିଜେଡ଼ି-ସିପିଆଇଏମ୍ ସମର୍ଥିତ୍ ପ୍ରାର୍ଥୀ ଦତେଶ୍ୱର୍ ହୋତା ପ୍ରାର୍ଥୀ ଅଛନ୍ । ମିଲିଥିବା ସୂଚ୍‌ନା ଅନ୍‌ସାରେ ରାଜ୍ୟସଭା ନିର୍ବାଚନ୍ ଲାଗି ବିଜେପି, ବିଜେଡ଼ି ଆଉ କଂଗ୍ରେସ୍ ସେମାନ୍‌କର୍ ଏଜେଂଟ୍ ନିଯୁକ୍ତ କରିଛନ୍ । ଓପନ୍ ବାଲାଟ୍ ଜରିଏ ଦଲୀୟ ଏଜେଂଟ୍ ମାନ୍‌କୁ ଦେଖେଇକରି ବିଧାୟକ୍‌ମାନେ ମତାଧିକାର୍ ସାବ୍ୟସ୍ତ କର୍‌ବେ । ବିଧାନ୍‌ସଭା ସଚିବାଲୟ ପରିସର୍ ନ ବିଧାୟକ୍‌ମାନ୍‌କର୍ ଲାଗି ଗଲାକାଏଲ୍ ଭୋଟ୍ ବାବ୍‌ଦେ ମକ୍ ପୋଲିଂ କରାଯାଇଥିଲା ।

ମୁଖ୍ୟମନ୍ତ୍ରୀ- ପାରାଦ୍ୱୀପ୍ ସମୀକ୍ଷା          ହି.ସ.

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ପାରାଦ୍ୱୀପ୍ ଠାନେ ଆଏବା ଦିନେ ଥାପ୍‌ନା ହେବାର୍‌କେ ଥିବା ବୃହତ୍ ଶିଳ୍ପ ପ୍ରକଳ୍ପ ମାନ୍‌କର୍ ଆଏଜ୍ ସମୀକ୍ଷା କରିଛନ୍ । ପାରାଦ୍ୱୀପ୍‌କେ ଦେଶର୍ ଗୁଟେ ବୃହତ୍ ଅର୍ଥନୈତିକ୍ ଅଂଚଲ୍ କର୍‌ବାର୍ ଲକ୍ଷ୍ୟଥି ଶିଳ୍ପ ପ୍ରକଳ୍ପ ମାନ୍‌କୁ ତୁର୍‌ତି ସାର୍‌ବାର୍ ଲାଗି ଜିଲ୍ଲା ପ୍ରଶାସନ୍‌କେ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ୍ ଦେଇଛନ୍ । ପାରାଦ୍ୱୀପ୍ ନ ହେଇଥିବା ବୈଠକ୍‌ଥି ଭିନ୍ ଭିନ୍ ଶିଳ୍ପସଂସ୍ଥା ତରଫୁ ସେ ଇଲାକା ନ ବିକଶିତ୍ ହେବାର୍‌କେ ଥିବା ଶିଳ୍ପ ପ୍ରକଳ୍ପ, ପାରାଦ୍ୱୀପ୍ ବନ୍ଦର୍‌ର ସମ୍ପ୍ରସାରଣ୍, ଜାହାଜ୍ ନିର୍ମାଣ୍ ଆଉ ମରାମତି କାର୍‌ଖାନା ସହେତେ ଭିନ୍ ଭିନ୍ ଭିତିଭୂମି ପ୍ରକଳ୍ପ ବାବ୍‌ଦେ ଆଲୋଚନା କରାଯାଇଥିଲା । ଇତାର୍‌ସହେତେ ଭୁବ୍‌ନେଶ୍ୱର୍- କଟକ୍- ପୁରୀ- ପାରାଦ୍ୱୀପ୍ ଅର୍ଥନୈତିକ କରିଡ଼ର୍ ଆଉ ପାରାଦ୍ୱୀପ୍ ପେଟ୍ରୋ କେମିକାଲ୍ ପ୍ରକଳ୍ପ ବାବ୍‌ଦେ ଭିଲ୍ ସମୀକ୍ଷା କରାଯାଇଛେ । ଶିଳ୍ପ ପ୍ରକଳ୍ପ ମାନ୍‌କର୍ ସମସ୍ୟା ମାନ୍‌କୁ ଧାରିଜ୍ ସମିଆଥି ସମାଧାନ୍ କରିକରି କାମ୍‌କେ ତୁର୍‌ତି କର୍‌ବାର୍ ଲାଗି ଅଧିକାରୀମାନ୍‌କୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ୍ ଦେଇଛନ୍ । ବୈଠକ୍‌ଥି ଶିଳ୍ପମନ୍ତ୍ରୀ ସମ୍ପଦ୍ ଚନ୍ଦ୍ର ସ୍ୱାଇଁ, ବିଧାୟକ୍ ଆଉ ଶିଳ୍ପାନୁଷ୍ଠାନ୍‌ର ଅଧିକାରୀମାନେ ଯୋଗ୍ ଦେଇଥିଲେ ।

ଭୁବ୍‌ନେଶ୍ୱର୍ ନ ହେଇଥିବା ନୀଳ ଅର୍ଥନୀତି ସମ୍ମିଳନୀ-୨୦୨୬ ଅବ୍‌ସରେ ରାଜ୍ୟର୍ ନୀଳ ଅର୍ଥନୀତିର୍ ଅଗ୍ରଗତିର୍ ଲାଗି ଗୁଟେ ରୋଡ୍‌ମେପ୍ ଉନ୍ମୋଚନ୍ କରାଯାଇଛେ । ଗୃହ ନିର୍ମାଣ୍ ଆଉ ନଗର୍ ଉନ୍ନୟନ୍ ବିଭାଗ୍‌ର ଅତିରିକ୍ତ ମୁଖ୍ୟ ଶାସନ୍ ସଚିବ ଆଉ ଇଡ୍‌କୋ ଅଧ୍ୟକ୍ଷା ଉଷା ପାଢ଼ୀ ଇତାକେ ଉନ୍ମୋଚନ୍ କରିଛନ୍ । ଇ ଅବ୍‌ସରେ ଶ୍ରୀମତୀ ପାଢ଼ୀ କହିଛନ୍ ଯେ, ପାଖାପାଖି ୪ ଶହ ୮୦ କିଲୋମିଟର୍ ଲମ୍ୱା ସମୁଦ୍ର ଖଁଡ଼ି ଓଡ଼ିଶାକେ ନୀଳ ଅର୍ଥନୀତି କ୍ଷେତ୍ରଥି ଖାସ୍ ସମ୍ଭାବନା ଯୁଗେଇଛେ । ପୋର୍ଟ- ଲେଡ୍ ଅର୍ବାନାଇଜେସନ୍ ରଣନୀତି ଅନ୍‌ସାରେ ପାରାଦ୍ୱୀପ୍, ଧାମ୍‌ରା ଆଉ ଗୋପାଲ୍‌ପୁର୍ ବନ୍ଦର୍‌କେ କେନ୍ଦ୍ର କରିକରି ନୀଳ ଅର୍ଥନୀତି ଇଣ୍ଡିଷ୍ଟ୍ରିଆଲ୍ ହବ୍ ତିଆର୍ ହେବା । ଇତାର୍ ଜରିଏ ସାମୁଦ୍ରିକ ବାୟୋଟେକ୍ନୋଲୋଜି, ଗ୍ରୀନ୍ ସପିଂ ଆଉ କୃତ୍ରିମ ବୁଦ୍ଧିମତା ଆଧାରିତ୍ ସାମୁଦ୍ରିକ ପରିଚାଳନା ବାଗିର୍ କ୍ଷେତ୍ରଥି ନିବେଶ୍ ଆଉ ନବସୃଜନକେ ତହଁକାଯିବା ବଲି ଶ୍ରୀମତୀ ପାଢ଼ୀ କହିଛନ୍ ।

ଚାଲାନ୍ ରିହାତି ଆର୍ଏନ୍ୟୁ/ ସମ୍ବଲପୁର

ଜାତୀୟ ଆଇନ୍ ସେବା ପ୍ରାଧିକରଣଙ୍କର୍ ନିର୍ଦ୍ଦେଶ୍ ଅନ୍‌ସାରେ ପରିବହନ୍ ବିଭାଗ୍ ତର୍ଫୁ ବାକିଥିବା ଟ୍ରାଫିକ୍ ଗାଡ଼ି ଚାଲାନ୍ ବାବ୍‌ଦେ ଜରିମାନା ଭର୍‌ବାର୍ ଲାଗି ଖାସ୍ ବ୍ୟବସ୍ଥା କରାଯାଇଛେ । ରିହାତି ଦର୍‌ଥି ଜରିମାନା ଭର୍‌ବାର୍ ଲାଗି ଖାସ୍ ଅନ୍‌ଲାଇନ୍ ପୋର୍ଟାଲ୍ କାର୍ଯ୍ୟକ୍ଷମ୍ କରାଯାଇଛେ । echallan.parivahan.gov.in ପୋର୍ଟାଲ୍‌ଥି ଗାଡ଼ି ମାଲିକ୍ ଆଉ ଚାଲକ୍‌ମାନେ ବାକି ରହିଯାଇଥିବା ଚାଲାନ୍‌ର ଥିତି ଯାଂଚ୍ କରିକରି ଜରିମାନା ଭର୍‌ବାର୍‌କେ କୁହାଯାଇଛେ । ପରିବହନ୍ ବିଭାଗ୍‌ର ସୂଚ୍‌ନା ଅନ୍‌ସାରେ ୫୦ ପ୍ରତିଶତ୍‌ତକ୍ ରିହାତିର୍ ବ୍ୟବସ୍ଥା କରାଯାଇଛେ । ଇ ମାସର୍ ଶେଷ୍‌ତକ୍ ଇ ବ୍ୟବସ୍ଥା ଲାଗୁ ରହେବା ବଲି ପରିବହନ୍ ବିଭାଗ୍ ତର୍ଫୁ କୁହାଯାଇଛେ ।

ନିବେଶକ୍ ଶିବିର୍ ପି.ଆଇ.ବି.

ନିବେଶକ୍ ମାନ୍‌କୁ ସଶକ୍ତ କର୍‌ବାର୍ ଆଉ ଦାବି କରା ନାଇଁ ଯାଇଥିବା ଲାଭାଂଶ ସହେତେ ଜଡ଼ିତ ସମସ୍ୟାର୍ ସମାଧାନ୍

ଲାଗି ଆଇ.ଇ.ପି.ଏଫ୍.ଏ. ଆଉ ଏସ୍.ଇ.ବି.ଆଇ. ତରଫୁ ଭୁବ୍‌ନେଶ୍ୱର୍ ନ  ଆଏବା ୨୭ ତାରିଖ୍ ଦିନ ନିବେଶକ୍ ଶିବିର୍‌ର ଆୟୋଜନ୍ କରାଯିବା । ଇ ଶିବିର୍‌ଥି ୬ ନୁ ୭ ବଛର୍ ଧରିକରି ଦାବି କରା ନାଇଁ ଯାଇଥିବା ଲାଭାଂଶ ଆଉ ଶେୟାର୍ ପୁନରୁଦ୍ଧାର୍, କେଓ୍ୱାଇସି ଅପ୍‌ଡେଟ୍, ନାମାଙ୍କନ୍ ସେବା ଆଉ ନିବେଶକ୍ ଅଭିଯୋଗ୍ ସମାଧାନ୍ ବାବଦ୍ ସାହାଜ୍ ଦିଆଯିବା ।

ପଦ୍ମପୁରସ୍କାର        ଆର୍‌ଏନ୍‌ୟୁ/ ସମ୍ବଲପୁର

ପଦ୍ମପୁରସ୍କାର-୨୦୨୭ ଲାଗି ଆଏଜ୍‌ଠାନୁ ପଞ୍ଜିକରଣ୍ ଆଉ ସୁପାରିଶ୍ ମୁଲ୍ ହେଇଛେ । ଆଏବା ଜୁଲାଇ ୩୧ ତାରିଖ୍ ଅନ୍‌ଲାଇନ୍ ପଞ୍ଜିକରଣ୍‌ର ଶେଷ୍ ଦିନ୍ ରହିଛେ । ପଦ୍ମପୁରସ୍କାର୍ ଲାଗି ରାଷ୍ଟ୍ରୀୟ ପୁରସ୍କାର୍ ପୋର୍ଟାଲ୍ ଜରିଏ ଅନ୍‌ଲାଇନ୍ ଆବେଦନ୍ କରାଯାଇପାର୍‌ବା । ଆଏବା ଗଣତନ୍ତ୍ର ଦିବସ୍ ଅବ୍‌ସରେ ପଦ୍ମ ପୁରସ୍କାର୍ ଲାଗି ବଛା ହେଇଥିବା ବ୍ୟକ୍ତିବିଶେଷଙ୍କର୍ ନାଁ ଘୋଷ୍‌ନା କରାଯିବା ।

ଧର୍ମେନ୍ଦ୍ର ପ୍ରଧାନ୍          ସମ୍ବଲପୁର ସମ୍ବାଦଦାତା

ଭାରତ୍‌ର ଅର୍ଥନୀତି ଏଛେନ୍ ପୁର୍‌ଥି ନ ୪ ନମ୍ବର୍ ଠାନେ ପୁହୁଁଚିଛେ । ୨୦୪୭ ମସିହା ଭିତ୍‌ରେ ଭାରତ୍ ବିକଶିତ୍ ହେବାର୍ ଯୋଜ୍‌ନା ରହିଛେ ବଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ କହିଛନ୍ । ସମ୍ବଲ୍‌ପୁର୍ ନ ଉତ୍କଳ ପ୍ରାଦେଶିକ ମାର୍‌ୱାଡ଼ି ସମ୍ମେଲନ୍ କାର୍ଯ୍ୟକ୍ରମ୍‌ର ପ୍ରାନ୍ତୀୟ ଅଧିବେଶନ୍‌ଥି ଆଏଜ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ମନ୍ତ୍ରୀ ଶ୍ରୀ ପ୍ରଧାନ୍ ଇଟା କହିଛନ୍ । ଇ ଅବ୍‌ସରେ ସମ୍ମାନିତ ଅତିଥି ଭାବେ ବର୍‌ଗଡ୍ ସାଂସଦ୍ ପ୍ରଦୀପ୍ ପୁରୋହିତ୍ ଯୋଗ୍ ଦେଇଥିଲେ ।

ବିଶ୍ୱ ଉପଭୋକ୍ତା ଦିବସ୍ ଆଇ.ଆଣ୍ଡ୍.ପି.ଆର୍

ଉପଭୋକ୍ତାମାନ୍‌କର୍ ଅଧିକାର୍ ଆଉ ସୁରକ୍ଷାକେ ନେଇକରି ଜନସଚେତନତା ବଢ଼ାବାର୍ ଲକ୍ଷ୍ୟଥି ଆଏଜ୍ ବିଶ୍ୱ ଉପଭୋକ୍ତା ଦିବସ୍ ପାଲନ୍ କରାଯାଉଛେ । ଉପଭୋକ୍ତାମାନ୍‌କର୍ ମୌଲିକ୍ ଅଧିକାର୍‌କେ ତହଁକାବାର୍ ଆଉ ତାକେ ସୁରକ୍ଷିତ୍ ରଖିବାର୍ ଲାଗି ଫି’ ବଛର୍ ଇ ଦିବସ୍ ପାଲନ୍ କରାଯାଏସି । ଇ ବଛର୍‌ର ବିଷୟବସ୍ତୁ ରହିଛେ ‘ନିରାପଦ ଉତ୍ପାଦ, ଆଶ୍ୱସ୍ତ ଉପଭୋକ୍ତା’ ।

ଉପଭୋକ୍ତାମାନ୍‌କର୍ ଅଧିକାର୍‌ର ସୁରକ୍ଷା ଆଉ ସେମାନ୍‌କର୍ ଅଭିଯୋଗ୍ ମାନ୍‌କର୍ ତୁର୍‌ତି ସମାଧାନ୍ ଲକ୍ଷ୍ୟ ନେଇକରି ସର୍‌କାର୍ ବହୁତ୍‌ଟେ କାର୍ଯ୍ୟକ୍ରମ୍ କରୁଛନ୍ । ଜାତୀୟ ଉପଭୋକ୍ତା ହେଲ୍ପ ଲାଇନ୍ ନମ୍ବର୍ ଲାଗୁ କରାଯିବାର୍ ସହେତେ ଅଭିଯୋଗ୍ ସମାଧାନ୍‌କେ ତୁର୍‌ତି କରାଯାଉଛେ । ଇ-କମର୍ସ ସଂସ୍ଥାମାନ୍‌କେ ହେଉଥିବା ଅନିୟମିତତା ନୁ ଉପଭୋକ୍ତାମାନ୍‌କୁ ସୁରକ୍ଷା ଦେବାର୍ ଲକ୍ଷ୍ୟ ନେଇକରି ଖାଉଟି ବ୍ୟାପାର୍ ବିଭାଗ୍ ତର୍‌ଫୁ ଉପଭୋକ୍ତା ସୁରକ୍ଷା ନିୟମାବଳୀ-୨୦୨୦ ଲାଗୁ କରାଯାଇଛେ । ଇ ନିୟମ୍ ଜରିଏ ଇ କମର୍ସ ସଂସ୍ଥାମାନ୍‌କର୍ ଦାୟିତ୍ୱ ବାବ୍‌ଦେ ପୁରା ବିବରଣୀ ରହିଛେ ।

ବିଶ୍ୱ ଉପଭୋକ୍ତା ଦିବସ୍ ଅବ୍‌ସରେ ଭୁବ୍‌ନେଶ୍ୱର୍ ଜୟଦେବ୍ ଭବନ୍ ଠାନେ ଖାଦ୍ୟ ଯୋଗାଣ ଆଉ ଖାଉଟି କଲ୍ୟାଣ୍ ବିଭାଗ୍ ତର୍‌ଫୁ ରାଜ୍ୟସ୍ତରୀୟ ଉତ୍ସବ୍ ପାଳିତ୍ ହେଇଯାଇଛେ । ବିଭାଗ୍‌ର ନିର୍ଦ୍ଦେଶକ୍ ଆଉ ସ୍ୱତନ୍ତ୍ର ଶାସନ୍ ସଚିବ ବିଶିକେଶନ୍ ଦେହୁରୀ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ପରିବର୍ତ୍ତନ୍‌ଶୀଲ୍ ଡିଜିଟାଲ୍ ଯୁଗେ ଉପଭୋକ୍ତା ସଚେତନତାର୍ ଆବଶ୍ୟକତା ଉପ୍‌ରେ ଜୋର୍ ଦେଇଥିଲେ ।

ମାଓବାଦୀ ଆତ୍ମସମର୍ପଣ୍      କଳାହାଣ୍ଡି ସମ୍ବାଦଦାତା

କଳାହାଣ୍ଡି ଜିଲ୍ଲା ଭବାନୀପାଟ୍ନା ଠାନେ ପୁଲିସ୍ ପାଶେ ୧୧ ଝନ୍ ମାଓବାଦୀ ଆତ୍ମସମର୍ପଣ୍ କରିଛନ୍ । ପୁଲିସ୍ ମହାନିର୍ଦ୍ଦେଶକ୍ ୱାଇ.ବି. ଖୁରାନିଆଙ୍କର୍ ଉପସ୍ଥିତିଥି ରିଜର୍ଭ ପୁଲିସ୍ ପଡ଼ିଆ ଠାନେ ମାଓବାଦୀମାନେ ଆତ୍ମସମର୍ପଣ୍ କରିକରି ସମାଜ୍ର ମୁଖ୍ୟସ୍ରୋତଥି ସାମିଲ୍ ହେବେ ବଲି କହିଛନ୍ । ଆତ୍ମସମର୍ପଣ୍ କରିଥିବା ମାଓବାଦୀମାନେ ବଂଶଧାରା- ଘୁମୁସୁର୍- ନାଗାବଳୀ ଡିଭିଜନ୍ର ସଦସ୍ୟ ଥିବାର୍ ପୁଲିସ୍ ସୂତ୍ରନୁ ଜନାପଡ଼ିଛେ । ଆଏଜ୍ ମାଓବାଦୀମାନେ ଆତ୍ମସମର୍ପଣ୍ କର୍ବାର୍ ଉତ୍ରୁ କଳାହାଣ୍ଡି ଜିଲ୍ଲା ପାଖାପାଖି ମାଓମୁକ୍ତ ହେଇଛେ । ଆତ୍ମସମର୍ପଣ୍ କରିଥିବା ମାଓବାଦୀମାନ୍କୁ ସର୍କାର୍ଙ୍କର୍ ପୁନର୍ବାସ୍ ନୀତି ଅନ୍ସାରେ ସାହାଜ୍ ଯୁଗେଇ ଦିଆଯିବା ବଲି ପୁଲିସ୍ ମହାନିର୍ଦ୍ଦେଶକ୍ ଶ୍ରୀ ଖୁରାନିଆ କହିଛନ୍ ।

ବାର୍ଷିକୀ ଶ୍ରୋତା ସମ୍ମିଲନୀ      ବର୍ଗଡ଼୍ ସମ୍ବାଦଦାତା

ଆକାଶ୍‌ବାଣୀ ଶ୍ରୋତା ସଂଘ ବର୍‌ଗଡ୍‌ର ୩୨ ନମ୍ବର୍ ରାଜ୍ୟସ୍ତରୀୟ ବାର୍ଷିକୀ ଶ୍ରୋତା ସମ୍ମିଲନୀ ବର୍‌ଗଡ୍‌ର ସାମ୍ବାଦିକ୍ ଭବନ୍ ଠାନେ ଆଏଜ୍ ହେଇଯାଇଛେ । ଇ କାର୍ଯ୍ୟକ୍ରମ୍‌ଥି ବର୍‌ଗଡ୍, ସମ୍ବଲ୍‌ପୁର୍, ବଲାଙ୍ଗିର୍, ସୁବର୍ଣ୍ଣପୁର୍ ଜିଲ୍ଲାନୁ ଶତାଧିକ୍ ଶ୍ରୋତା ସାମିଲ୍ ହେଇକରି ଆକାଶ୍‌ବାଣୀର୍ ଭିନ୍ ଭିନ୍ କାର୍ଯ୍ୟକ୍ରମ୍ ଉପ୍‌ରେ ତାଙ୍କର୍ ମତାମତ ରଖିଥିଲେ ।

ନିରୀକ୍ଷଣ କମିଟି            ବର୍‌ଗଡ୍ ସମ୍ବାଦଦାତା

ବର୍‌ଗଡ୍ ଜିଲ୍ଲା ପ୍ରଶାସନ୍ ତର୍‌ଫୁ ଜିଲ୍ଲାପାଲ୍‌ଙ୍କର୍ ସମ୍ମିଲନୀ କକ୍ଷ ନ ରନ୍ଧା ଆଉ ଇନ୍ଧନ୍ ବ୍ୟବସ୍ଥାର୍ ସମୀକ୍ଷା ଲାଗି ଜିଲ୍ଲାସ୍ତରୀୟ ନିରୀକ୍ଷଣ୍ କମିଟି ବୈଠକ୍ ହେଇଯାଇଛେ । ଖାଦ୍ୟଯୋଗାଣ ଆଉ ଖାଉଟି କଲ୍ୟାଣ୍ ବିଭାଗ୍ ତର୍‌ଫୁ ହେଇଥିବା ବୈଠକ୍‌ଥି ଜିଲ୍ଲାପାଲ୍ ଆଦିତ୍ୟ ଗୋୟଲ୍ ଯୋଗ୍ ଦେଇକରି ପେଟ୍ରୋଲିୟମ୍ ଗେସ୍, ଡିଜେଲ୍ ଆଉ ପେଟ୍ରୋଲ୍‌ର ଉପଲବ୍ଧତା, ଯୋଗାଣ ପ୍ରଣାଲୀ ଆଉ ବଂଟନ୍ ବ୍ୟବସ୍ଥା ବାବ୍‌ଦେ ଆଲୋଚନା କରିଥିଲେ ।

ଅଷ୍ଟଶମ୍ଭୁ ଐତିହ୍ୟ ପଦଯାତ୍ରା ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ଠାନେ ସର୍ବଭାରତୀୟ ଅନୁଷ୍ଠାନ୍ ଇନ୍‌ଟାକ୍ ତର୍‌ଫୁ ଅଷ୍ଟଶମ୍ଭୁ ଐତିହ୍ୟ ପଦଯାତ୍ରା ମୁଲ୍ ହେଇଛେ । ଜିଲ୍ଲା ଆରକ୍ଷୀ ଅଧିକ୍ଷକ୍ ନାରାୟଣ୍ ନାୟକ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି କାର୍ଯ୍ୟକ୍ରମ୍‌କେ ଶୁଭାରମ୍ଭ କରିଥିଲେ । ଇ ଅବ୍‌ସରେ ସୁବର୍ଣ୍ଣପୁର୍‌ର ଅଷ୍ଟଶମ୍ଭୁ ନାଁଥି ଗୁଟେ ସୂଚନା ପୁସ୍ତକ ଭିଲ୍ ଉନ୍ମୋଚନ୍ କରାଯାଇଥିଲା ।

ପିଏସ୍‌ୟୁ- ବୟସ୍ ସୀମା ଆର୍‌ଏନ୍‌ୟୁ/ କଟକ୍

ରାଜ୍ୟ ସର୍‌କାର୍‌ଙ୍କର୍ ଉଦ୍ୟୋଗ୍ ମାନ୍‌କେ ନିଯୁକ୍ତି ଲାଗି ଆବେଦନ୍‌ର ବୟସ୍ ସୀମା ୪୨ ବଛର୍‌ତକ୍ ବଢ଼ାଯାଇଛେ । ଆଘୋନୁ ସାଧାରଣ୍ ପ୍ରଶାସନ୍ ଆଉ ସାଧାରଣ୍ ଅଭିଯୋଗ୍ ବିଭାଗ୍ ତର୍‌ଫୁ ଜୁନ୍ ମାସର୍ ୯ ତାରିଖ୍ ସର୍‌କାରୀ ଚାକିରୀଥି ନିଯୁକ୍ତି ବୟସ୍ ସୀମା ବଢ଼ାବାର୍ ଲାଗି ବିଜ୍ଞପ୍ତି ବାହାରିଥିଲା । ରାଏଜେ ମୋଟ୍ ୩୧ ଟା ସର୍‌କାରୀ ଉଦ୍ୟୋଗ୍ ରହିଛେ । ଇ ଉଦ୍ୟୋଗ୍ ମାନ୍‌କେ ପାଖାପାଖି ୨୫ ହଜାର୍ ୩ ଶହ ମଞ୍ଜୁରୀ

ପ୍ରାପ୍ତ ପଦ୍‌ବୀ ମାନ୍‌କର୍ ଭିତ୍‌ରୁ ଇହାଦେ ୯ ହଜାର୍ ୮ ଶହ ୫ନ୍ ନିୟମିତ୍ କର୍ମଚାରୀ କାମ୍ କରୁଥିବାର୍ ଜନାପଡ଼ିଛେ ।

ଫାଷ୍ଟଟେଗ୍ ବାର୍ଷିକ୍ ଶୁଲ୍କ ପି.ଆଇ.ବି.

ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ୍ ଆଏବା ୨୦୨୬-୨୭ ଆର୍ଥିକ୍ ବଛର୍ ଲାଗି ଫାଷ୍ଟଟେଗ୍ ବାର୍ଷିକ ପାସ୍ ଶୁଲ୍କକେ ସଂଶୋଧନ୍ କରିଛେ । ଇହାଦେର୍ ୩ ହଜାର୍ ଟଙ୍କା ବଦ୍‌ଲେ ଇ ଶୁଲ୍କ ୩ ହଜାର୍ ୭୫ ଟଙ୍କା କରାଯାଇଛେ । ନୂଆଁ ଦର୍ ଆଏବା ଏପ୍ରିଲ୍ ୧ ତାରିଖ୍‌ନୁ ଲାଗୁ ହେବା । ବାର୍ଷିକ୍ ପାସ୍ ରାଜମାର୍ଗ ଯାତ୍ରା ଆପ୍ କି ଏନ୍.ଏଚ୍.ଏ.ଆଇ. ୱେବ୍‌ସାଇଟ୍ ଜରିଏ ଏକାଥର୍‌କେ ଦେଇକରି ସକ୍ରିୟ କରାଯାଇ ପାର୍‌ବା । ଇହାଦେ ଦେଶେ ୫୬ ଲାଖ୍ ନୁ ଅଏତ୍‌କା ଉପଭୋକ୍ତା ଫାଷ୍ଟଟେଗ୍ ବାର୍ଷିକ ପାସ୍ ବେଭାର୍ କରୁଛନ୍ ।

ଜିଲ୍ଲାପାଳ୍- ବୈଠକ୍ ବୌଦ୍ଧ ସମ୍ବାଦଦାତା

ଆନ୍ତର୍ଜାତୀୟ ଯୁଦ୍ଧ ପରିସ୍ଥିତିକେ ନଜର୍‌ଥି ରଖିକରି ବୌଦ୍ଧ ଜିଲ୍ଲାର୍ ଗେସ୍, ପେଟ୍ରୋଲ୍ ଆର୍ ଡିଜେଲ୍ ଯୋଗାଣ୍ ବ୍ୟବସ୍ଥାକେ ଠିକ୍ ଭାବେ ପରିଚାଲନା କର୍‌ବାର୍ ଲାଗି ଜିଲ୍ଲା ପ୍ରଶାସନ୍ ତର୍‌ଫୁ ପଦକ୍ଷେପ୍ ନିଆଯାଇଛେ । ଗଲାକାଏଲ୍ ଜିଲ୍ଲାପାଲ୍‌ଙ୍କର୍ ଅଧ୍ୟକ୍ଷତାଥି ସବୁ ଗେସ୍ ଡିଲର୍, କର୍ମଚାରୀ ଆର୍ ବିଭାଗୀୟ ଅଧିକାରୀମାନ୍‌କୁ ନେଇକରି ଗୁଟେ ବୈଠକ୍ ହେଇଯାଇଛେ । ବୈଠକ୍‌ଥି ଜିଲ୍ଲା ଭିତ୍‌ରେ ଇନ୍ଧନ୍ ଯୋଗାଣ୍ ବ୍ୟବସ୍ଥାକେ ଠିକ୍ ଭାବେ କର୍‌ବାର୍ ଆଉ କଳାବଜାରୀ ରୁକ୍‌ବାର୍ ବାବ୍‌ଦେ ଆଲୋଚନା ହେଇଥିଲା ।